# NATIONAL NEWS BULLETIN (ODIA)
## 11 March - 2025
## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ସୁସ୍ଥ ସମାଜ ଗଠନ ଦିଗରେ ଡାକ୍ତର ଏବଂ ଗବେଷକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କଲେ ରାଷ୍ଟ୍ରପତି ।
- ଆସନ୍ତାକାଲି ମରିସସ୍‌ର ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ୨୦୨୭ ସୁଦ୍ଧା ଉତ୍ତର-ପୂର୍ବ ରାଜ୍ୟ ଗୁଡ଼ିକର ରାଜଧାନୀକୁ ରେଳପଥ, ବିମାନ ଓ ସଡ଼କପଥରେ ସଂଯୋଗ କରାଯିବ, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ନିର୍ବାଚନ ସଂକ୍ରାନ୍ତ ଅଭିଯୋଗ ଗୁଡ଼ିକର ସମାଧାନ ଲକ୍ଷ୍ୟ ନେଇ ଆସନ୍ତା ମାସ ୩୦ ତାରିଖ ସୁଦ୍ଧା ରାଜନୈତିକ ଦଳଗୁଡ଼ିକ ଠାରୁ ପରାମର୍ଶ ଲୋଡ଼ିଲେ ନିର୍ବାଚନ ଆୟୋଗ ।

ଏବଂ

- ମହିଳା ପ୍ରିମିୟରଲିଗ୍ କ୍ରିକେଟ୍ ପ୍ରତିଯୋଗିତାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଅଳ୍ପ ସମୟ ମଧ୍ୟରେ ହେବ ମୁକାବିଲା ।

## ପ୍ରେସିଡେଣ୍ଟ-ଏମସ୍ ପଞ୍ଜାବ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଏକ ସୁସ୍ଥ ସମାଜ ଗଠନ ଦିଗରେ ଡାକ୍ତର ଓ ଗବେଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଭଟିଣ୍ଡା ଠାରେ ଆଜି ଅଖିଳ ଭାରତୀୟ ଆୟୁରବିଜ୍ଞାନ ସଂସ୍ଥାନ ଏମସ୍‌ର ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଏହା କହିଛନ୍ତି । ସେ କହିଛନ୍ତି, ସୁସ୍ଥ ଜୀବନଶୈଳୀ ଏବଂ ଉନ୍ନତ ଚାଷ ପଦ୍ଧତି ଗ୍ରହଣ କରିବା ଦିଗରେ ସଚେତନତା ସୃଷ୍ଟି ହେବା ଉଚିତ୍ । କୃଷି ଏବଂ ପରିବେଶ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଗବେଷଣା କ୍ଷେତ୍ରକୁ ଅଧିକ ପରିବ୍ୟାପ୍ତ କରିବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି । ନିଶା ସେବନ ଦ୍ୱାରା ଶାରିରୀକ ଏବଂ ମାନସିକ କ୍ଷତି ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱ ପ୍ରଦାନ କରିଛନ୍ତି ।

**V/O**

ଆଧ୍ୟାତ୍ମିକ ଓ ସାମାଜିକ ସଂଗଠନ ସହଯୋଗରେ ଜନସଚେତନତା ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରିବାକୁ ରାଷ୍ଟ୍ରପତି କହିଛନ୍ତି । ଏହି

ସମାରୋହରେ ରାଷ୍ଟ୍ରପତି ଡାକ୍ତରୀ ପାଠ୍ୟକ୍ରମ ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କିରବା ସହ ଏ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ଛାତ୍ରଛାତ୍ରୀଙ୍କୁ ପଦକ ପ୍ରଦାନ କରିଛନ୍ତି ।

## ପିଏମ୍-ମରିସସ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମରିସସ୍‌ର ପୂର୍ବତନ ରାଷ୍ଟ୍ରପତି ସାର୍ ଅନିରୁଦ୍ଧ ଜଗନ୍ନାଥ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ସାର୍ ସିଓ୍ୱସାଗୁର ରାମଗୁଲାମଙ୍କୁ ପମ୍ପେଲ୍‌ମୁସେସ୍ ସ୍ଥିତ ସାର୍ ସିଓ୍ୱସାଗୁର ରାମଗୁଲାମ ବଟାନିକ୍ ଗାର୍ଡେନ୍‌ରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ମରିସସ୍‌ର ପ୍ରଗତୀରେ ଏହି ଦୁଇ ନେତାଙ୍କ ସ୍ଥାୟୀ ଉତ୍ତରାଧିକାରୀ ଏବଂ ଭାରତ ମରିସସ୍ ସମ୍ପର୍କ ପାଇଁ ଏକ ଦୃଢ଼ ମୂଳଦୁଆ ନିର୍ମାଣରେ ସେମାନଙ୍କର ଭୂମିକାକୁ ମନେ ପକାଇଥିଲେ । ଏହି ଐତିହାସିକ ଉଦ୍ୟାନରେ ଶ୍ରୀ ମୋଦୀ ଏବଂ ମରିସସ୍ ପ୍ରଧାନମନ୍ତ୍ରୀ ଡକ୍ଟର ନବୀନ ଚନ୍ଦ୍ର ରାମଗୁଲାମ୍ 'ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଏକ ବୃକ୍ଷ ରୋପଣ କରିଥିଲେ । ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି, ଡକ୍ଟର ରାମଗୁଲାମ୍‌ଙ୍କ ସମର୍ଥନ ଏକ ସବୁଜ ଏବଂ ଉନ୍ନତ ଭବିଷ୍ୟତକୁ ପ୍ରୋତ୍ସାହିତ କରିବା ପାଇଁ ଉଭୟ ଦେଶର ଭାଗିଦାରିତା ଏକ ପ୍ରତୀକ ଭାବେ ଉଭା ହୋଇଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତାକାଲି ମରିସସ୍‌ର ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଭାରତୀୟ ନୌସେନାର ଏକ ଜାହାଜ ସହ ଭାରତୀୟ ପ୍ରତିରକ୍ଷା ବାହିନୀର ଏକ ଦଳ ଏହି ସମାରୋହରେ ଅଂଶଗ୍ରହଣ କରୁଛନ୍ତି । ସାମୁଦ୍ରିକ ନିରାପତ୍ତା, ଦକ୍ଷତାବୃଦ୍ଧି ଏବଂ ବାଣିଜ୍ୟ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ସୂଚନା ଯୋଗ୍ୟ ପ୍ରଧାନମନ୍ତ୍ରୀ ମରିସସ୍‌କୁ ଦୁଇ ଦିନିଆ ଗସ୍ତରେ ଯାଇଛନ୍ତି ।

## ଅମିତ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି, ଉତ୍ତର-ପୂର୍ବ ଛାତ୍ରଛାତ୍ରୀଙ୍କୁ ଏଣିକି କର୍ମସଂସ୍ଥାନ ପାଇଁ ନିଜ ଅଞ୍ଚଳ ଛାଡ଼ିବାକୁ ପଡ଼ିବ ନାହିଁ, ସେମାନଙ୍କୁ ସେଠାରେ ନିଯୁକ୍ତି ସୁଯୋଗ ମିଳିବ । ନୂଆଦିଲ୍ଲୀ ଠାରେ ଆଜି ଷ୍ଟୁଡେଣ୍ଟସ୍ ଏକ୍ସପ୍ରିଏନ୍ସ ଇନ୍ ଇଣ୍ଟର ଷ୍ଟେଟ୍ ଲିଭିଂ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଯୁବ ସମ୍ମିଳନୀରେ ଉତ୍ତର-ପୂର୍ବ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ଶ୍ରୀ ଶାହା ଏହା କହିଛନ୍ତି । ୨୦୨୭ ସୁଦ୍ଧା ଉତ୍ତର-ପୂର୍ବ ରାଜ୍ୟ ଗୁଡ଼ିକର ରାଜଧାନୀକୁ ରେଳପଥ, ବିମାନ ଏବଂ ସଡ଼କପଥରେ ସଂଯୋଗ କରାଯିବ ବୋଲି ସେ କହିଛନ୍ତି । ଅରୁଣାଚଳ ପ୍ରଦେଶ ପାଇଁ ଗ୍ରାମ୍ୟ କାର୍ଯ୍ୟକ୍ରମରେ ୪ ହଜାର ୮୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ବ୍ରହ୍ମପୁତ୍ର ନଦୀ ଉପରେ ଭାରତର

ସର୍ବବୃହତ ରେଳପଥ ତଥା ସଡ଼କ ଯୋଗାଯୋଗ ସେତୁ ନିର୍ମାଣ କରାଯାଇଛି । ଆସାମ ଏବଂ ଭୁଟାନ୍ ମଧ୍ୟରେ ଏକ ରେଳଲାଇନ୍ ନିର୍ମାଣ କରାଯାଉଛି ବୋଲି ସେ କହିଛନ୍ତି ।

**V/O**

ଗତ ୧୦ ବର୍ଷ ମଧ୍ୟରେ ଉତ୍ତର-ପୂର୍ବାଞ୍ଚଳରେ ହିଂସାକାଣ୍ଡ କାର୍ଯ୍ୟକଳାପ ପ୍ରାୟ ୭୦ ପ୍ରତିଶତ ହ୍ରାସ ପାଇଛି । ସୁରକ୍ଷା ବାହିନୀ ଯବାନଙ୍କ ମୃତ୍ୟୁହାର ୭୦ ପ୍ରତିଶତ ଏବଂ ସାଧାରଣ ନାଗରିକଙ୍କର ମୃତ୍ୟୁ ୮୯ ପ୍ରତିଶତ ହ୍ରାସ ପାଇଛି ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ସମସ୍ତ ବିଦ୍ରୋହୀ ଗୋଷ୍ଠୀ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଫଳସ୍ୱରୂପ ୧୦ ହଜାର ୫୦୦ରୁ ଅଧିକ ବିଦ୍ରୋହୀ ସେମାନଙ୍କ ଅସ୍ତ୍ରଶସ୍ତ୍ର ସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି । ବିଗତ ୧୦ ବର୍ଷ ମଧ୍ୟରେ ବିଦ୍ରୋହୀ ସଂଗଠନ ଗୁଡ଼ିକ ସହ ୧୨ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ସିକ୍କିମ୍‌ରେ ଜୈବିକ କୃଷିକୁ ମଧ୍ୟ ସରକାର ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି । ଆସାମରେ ୨୭ ହଜାର କୋଟି ଟଙ୍କାର ଏକ ସେମିକଣ୍ଡକ୍ଟର ପ୍ଲାଣ୍ଟ୍ ପ୍ରତିଷ୍ଠା କରାଯିବ । ଏହାଦ୍ୱାରା ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକ ପାଇଁ ଅଢ଼େଇଲକ୍ଷ୍ୟ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ରହିଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ଇସିଆଇ-ପଲିଟିକାଲ୍ ପାର୍ଟିସ୍

ନିର୍ବାଚନ ଆୟୋଗ ଭୋଟର ପଞ୍ଜିକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ, ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସ୍ତରରେ ସମାଧାନ ହୋଇନଥିବା ସମସ୍ୟା ଗୁଡ଼ିକୁ କିପରି ସମାଧାନ କରାଯାଇ ପାରିବ ସେ ସମ୍ପର୍କରେ ଦେଶର ସମସ୍ତ ଜାତୀୟ ଏବଂ ରାଜ୍ୟସ୍ତରୀୟ ରାଜନୈତିକ ଦଳମାନଙ୍କ ପକ୍ଷରୁ ପରାମର୍ଶ ଲୋଡ଼ିଛନ୍ତି । ଆସନ୍ତା ଏପ୍ରିଲ୍ ୩୦ ତାରିଖ ସୁଦ୍ଧା ଏହି ରାଜନୈତିକ ଦଳମାନେ ସେମାନଙ୍କ ପରାମର୍ଶ ଦେଇପାରିବେ ବୋଲି ନିର୍ବାଚନ ଆୟୋଗ କହିଛନ୍ତି । ଆଇନ୍ ଅନୁସାରେ ନିର୍ବାଚନ ପ୍ରସଙ୍ଗ ଗୁଡ଼ିକୁ ସମାଧାନ କରିବା ଏବଂ ସହଜରେ ନିର୍ବାଚନ ପରିଚାଳନା କରିବା ଉପରେ ରାଜନୈତିକ ଦଳମାନଙ୍କର ସଭାପତି ଏବଂ ବରିଷ୍ଠ ନେତୃବୃନ୍ଦଙ୍କ ସହ ଆଲୋଚନା କରି ନିର୍ବାଚନ ଆୟୋଗ ଏହା କହିଛନ୍ତି । ଗତ ସପ୍ତାହରେ ନୂଆଦିଲ୍ଲୀରେ ଅନୁଷ୍ଠିତ ନିର୍ବାଚନ ଆୟୋଗ ସମ୍ମିଳନୀ ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାର ଏବଂ ଭୋଟର ପଞ୍ଜିକରଣ ଅଧିକାରୀମାନଙ୍କ ସହ ଆଲୋଚନା କରି ରାଜନୈତିକ ଦଳମାନଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ପରାମର୍ଶ ନିଆଯିବ ବୋଲି ନିଷ୍ପତ୍ତି ନେଇଥିଲେ । ସେମାନଙ୍କ ପରାମର୍ଶକୁ ତର୍ଜମା କରି ଆସନ୍ତା ୩୧ ତାରିଖ ସୁଦ୍ଧା ନିର୍ବାଚନ ଆୟୋଗଙ୍କ ପାଖରେ ସବିଶେଷ ବିବରଣୀ ପ୍ରଦାନ କରିବା ପାଇଁ ଶ୍ରୀ ଜ୍ଞାନେଶ କୁମାର ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ

ପ୍ରକ୍ରିୟାରେ ସମସ୍ୟାର ସମାଧାନ କ୍ଷେତ୍ର ପାଇଁ ଆଇନ୍ ଅନୁମୋଦିତ ୨୮ଟି ଅଂଶିଦାରମଧ୍ୟରେ ରାଜନୈତିକ ଦଳ ଗୁଡ଼ିକ ରହିଛି ବୋଲି ଆୟୋଗ ସ୍ପଷ୍ଟ କରିଛନ୍ତି ।

## ପିଏମ୍-ସୂର୍ଯ୍ୟଘର

ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଅଧୀନରେ ଗତକାଲି ସୁଦ୍ଧା ସମଗ୍ର ଦେଶରେ ୧୦ଲକ୍ଷ ୯ ହଜାର ପ୍ରତିଷ୍ଠାନ ଅନ୍ତର୍ଭୁକ୍ତ ହୋଇଛି । ନବୀକରଣ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ କହିଛି, ଏ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ ହୋଇଛି । ଚଣ୍ଡିଗଡ଼, ଦାମନ ଓ ଡିଉ ଅଞ୍ଚଳରେ ଏହି ଯୋଜନା ଶତପ୍ରତିଶତ ସଫଳତା ହାସଲ କରିଛି । ସ୍ୱଚ୍ଛ ଶକ୍ତି ସଂଗ୍ରହ ଦିଗରେ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟ ଏବଂ ତାମିଲନାଡୁ ଭଳି ରାଜ୍ୟ ମଧ୍ୟ ଏହି ଯୋଜନା ଅଧୀନରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି ବୋଲି ମନ୍ତ୍ରଣାଳୟ କହିଛି । ବିଭାଗୀୟ ମନ୍ତ୍ରୀ ପ୍ରହଲାଦ ଯୋଶୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଏଭଳି ସଫଳତା ଦେଶରେ ଶକ୍ତି କ୍ଷେତ୍ରରେ ସ୍ଥାୟୀତ୍ୱ, ସୁଲଭତା ଏବଂ ଆତ୍ମନିର୍ଭରଶୀଳତାର ଏକ ନୂତନ ମାର୍ଗ ଉନ୍ମୋଚନ କରିଛି । ଦେଶର ସ୍ୱଚ୍ଛ ଶକ୍ତି କ୍ଷେତ୍ରକୁ ଏହା ସଶକ୍ତ କରିଛି ବୋଲି ସେ କହିଛନ୍ତି । ଏହି ଯୋଜନା ଦ୍ୱାରା ପାରମ୍ପରିକ ଶକ୍ତି ଉତ୍ସ ଉପରେ

ନିର୍ଭରଶୀଳତା ହ୍ରାସ ପାଇଛି । କାର୍ବନ ନିର୍ଗମନ ହ୍ରାସ କରିବା ସହ ପରିବେଶ ଅଧିକ ସନ୍ତୁଳିତ ହୋଇପାରୁଛି ବୋଲି ମନ୍ତ୍ରୀ ଶ୍ରୀ ଯୋଶି କହିଛନ୍ତି ।

## କୋଲ

ଗତବର୍ଷ ଏପ୍ରିଲ୍‌ରୁ ଡିସେମ୍ବର ମଧ୍ୟରେ କୋଇଲା ଆମଦାନୀ ୮ ଦଶମିକ୍ ୪ ପ୍ରତିଶତ ହ୍ରାସ ପାଇଛି । କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ବିବୃତ୍ତି ଅନୁଯାୟୀ ଏହି ସମୟସୀମା ମଧ୍ୟରେ କୋଇଲା ଆମଦାନୀ ୧୮୩ ଦଶମିକ୍ ୪/୨ ନିୟୁତ ଟନ୍ ହୋଇଥିଲା । ପୂର୍ବ ଆର୍ଥିକ ବର୍ଷର ଏହି ସମୟସୀମା ମଧ୍ୟରେ ଏହା ୨୦୦ ଦଶମିକ୍ ୧/୯ ନିୟୁତ ଟନ୍ ବଢ଼ିଥିଲା । ଏହି ଆମଦାନୀ ହ୍ରାସ ଫଳରେ ପାଖାପାଖି ୪୨ ହଜାର ୩୦୦ କୋଟି ଟଙ୍କାର ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରିଛି । ଶକ୍ତି କ୍ଷେତ୍ରକୁ ବାଦ୍ ଦେଲେ ଅଣନିୟନ୍ତ୍ରିତ କ୍ଷେତ୍ରରେ ମଧ୍ୟ କୋଇଲା ଆମଦାନୀ ବାର୍ଷିକ ୧୨ ଦଶମିକ୍ ୦/୧ ପ୍ରତିଶତ ହ୍ରାସ ପାଇଛି । ଅନ୍ୟ ପକ୍ଷରେ ଏହି ସମୟସୀମା ମଧ୍ୟମରେ କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ ପୂର୍ବବର୍ଷ ତୁଳନାରେ ୩ ଦଶମିକ୍ ୫/୩ ପ୍ରତିଶତ ବୃଦ୍ଧି ପାଇଛି । ତେବେ ଥର୍ମାଲ୍ ପାୱାର୍‌ପ୍ଲାଣ୍ଟ ଦ୍ୱାରା ମିଶ୍ରଣ ପାଇଁ କୋଇଲା ଆମଦାନୀ ମଧ୍ୟ ୨୯ ଦଶମିକ୍ ୮ ପ୍ରତିଶତ ହ୍ରାସ ପାଇଛି । ଘରୋଇ କୋଇଲା ଉତ୍ପାଦନ ବୃଦ୍ଧି ଏବଂ

ଆମଦାନୀ ହ୍ରାସ ଫଳରେ କୋଇଲା କ୍ଷେତ୍ରରେ ୬ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ଘଟିଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ମହିଳା କ୍ରିକେଟ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ପରସ୍ପରକୁ ଭେଟୁଛନ୍ତି । ମୁମ୍ବାଇର ବ୍ରାବୋର୍ଣ୍ଣ ଷ୍ଟାଡିୟମ୍ ଠାରେ ଆଉ ଅଳ୍ପ ସମୟ ପରେ ଏହି ମ୍ୟାଚ୍ ଆରମ୍ଭ ହେବ । ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

## ଫୁଟବଲ୍

ଇଣ୍ଡିଆନ୍ ସୁପରଲିଗ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଆଉ ଅଳ୍ପ ସମୟ ପରେ ବେଙ୍ଗାଲୁରୁ ଏଫ୍.ସି. ଏବଂ ମୁମ୍ବାଇ ସି.ଟି. ଏଫ୍.ସି. ମଧ୍ୟରେ ମ୍ୟାଚ୍ ଖେଳାଯିବ । ବେଙ୍ଗାଲୁରୁ ଶ୍ରୀ କାନ୍ତେରାଭା ଷ୍ଟାଡିୟମ୍ ଠାରେ ଏହି ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍‌ରେ ୧ ପଏଣ୍ଟ ହାସଲ କଲେ ବେଙ୍ଗାଲୁରୁ ପ୍ଲେଅଫ୍‌ରେ ନିଜ ସ୍ଥାନ ପକ୍କା କରିପାରିବ । ଅନ୍ୟ ପକ୍ଷରେ ପରାଜିତ ହେଲେ ଓଡ଼ିଶା ଏଫ୍.ସି. ପ୍ଲେଅଫ୍‌କୁ ଉନ୍ନିତ ହେବ ।

ଗତକାଲିର ମ୍ୟାଚ୍‌ରେ ମହମଡାନ୍ ଏ.ସି. ଏବଂ ପଞ୍ଜାବ ଏଫ୍.ସି. ମଧ୍ୟରେ ଖେଳ ଅମିମାଂଶିତ ଭାବେ ଶେଷ ହୋଇଥିଲା ।